HHW

# Autumn Holiday Homework

## Odia

### ଉତ୍ତର

୧) କ) ଋତୁଚକ୍ରର ଆବର୍ତ୍ତନ କ୍ରମେ ନିଦାଘ ଗ୍ରୀଷ୍ମକାଳ ଶେଷ ହେବାପରେ ବର୍ଷାଋତୁ ଧରାପୃଷ୍ଠକୁ ଆସେ । ଏହି ଋତୁର ଆଗମନରେ ପୃଥିବୀ ସବୁଜିମା ଧାରଣ କରେ । ଶୁଷ୍କ ବୃକ୍ଷଲତା ସବୁଜ ପତ୍ରମଣ୍ଡିତ ହୋଇ ସୁନ୍ଦରତା ପ୍ରକାଶ କରନ୍ତି । ନୀଳାକାଶରେ ମାଳ ମାଳ କଳା ବଉଦ ଭାସି ବୁଲେ । ବିଜୁଳିର ଚମକ ଓ ଘଡ଼ଘଡ଼ିର ବଜ୍ରନାଦରେ ପୃଥିବୀ ପ୍ରକମ୍ପିତ ହୁଏ । ବର୍ଷା ହେବା ଫଳରେ ଶୁଷ୍କ ଜଳାଶୟ ଜଳପୂର୍ଣ୍ଣ ହୁଏ । ନୀରସ ପୃଥିବୀ ସରସ ଭାବରେ ଭରିଯାଏ । ପୃଥିବୀ ଶସ୍ୟ ସମ୍ପଦରେ ମଣ୍ଡିତ ହୁଏ ।

ଖ) 'ବର୍ଷା' କବିତାରେ ଭକ୍ତକବି ଜଗନ୍ନାଥ ଦାସ ପୃଥିବୀକୁ ରାଜା ସହ ତୁଳନା କରିଛନ୍ତି । ଅଭିଷେକ ଉତ୍ସବ ପରେ ରାଜାଙ୍କ ମସ୍ତକ ଉପରେ ଧଳଛତା ବା ରାଜଛତ୍ର ଶୋଭାପାଏ । ବର୍ଷାକାଳରେ ପୃଥିବୀରେ ରାସ୍ତାର ଦୁଇ ପାର୍ଶ୍ୱରେ ଓ ପୋଖରୀ ପଡ଼ିଆ ଆଦିରେ ଛତୁ ଫୁଟେ । ଛତୁଗୁଡ଼ିକ ଆକାରରେ ଛତା ସଦୃଶ ଦେଖାଯାନ୍ତି । କବି ଏଠାରେ ଛତୁଗୁଡ଼ିକୁ ରାଜଛତ୍ର ସହିତ ତୁଳନା କରିଛନ୍ତି । କବି ବର୍ଣ୍ଣନା କରିଛନ୍ତି ଯେ ଛତୁଗୁଡ଼ିକ ପୃଥିବୀରୂପକ ରାଜାର ଶିରରେ ରାଜଛତ୍ର ଭଳି ଶୋଭା ପାଉଛି । କବି ପୃଥିବୀକୁ ଯଥାର୍ଥରେ ରାଜାର ସମ୍ମାନ ପ୍ରଦାନ କରିଛନ୍ତି ।

ଗ) ବର୍ଷାକାଳରେ ଆକାଶରେ କଳାମେଘ ଭାସୁଥିବାର ଦେଖାଯାଏ । ମେଘ ଫାଙ୍କରେ ବିଜୁଳି ଚମକେ ଓ ଘଡ଼ଘଡ଼ିର ଶବ୍ଦ ଶୁଣିବାକୁ ମିଳେ ।

ଘ) ଦୀର୍ଘ ଆଠମାସ ଧରି ସୂର୍ଯ୍ୟଙ୍କର ପ୍ରଚଣ୍ଡ କିରଣରେ ଏ ଧରାପୃଷ୍ଠ ଉତ୍ତପ୍ତ ହୋଇଥିଲା । ପ୍ରାଣୀକୁଳ ବହୁ କଷ୍ଟ ଭୋଗ କରୁଥିଲେ । ତେଣୁ ଏପରି କୁହାଯାଇଛି ।

ଙ) ବର୍ଷାକାଳୀନ ସନ୍ଧ୍ୟାରେ ଅନେକ ଯାକ (ଜୁଳୁଜୁଳି ଆ ପୋକ) ବିଭିନ୍ନ ଆଡ଼େ ଉଡ଼ୁଥିଲେ । ସେମାନଙ୍କ ମିଞ୍ଜି ମିଞ୍ଜି ଆଲୁଅରେ ମୋହି ଆ ସନ୍ଧ୍ୟା ସୁନ୍ଦର ଦେଖାଯାଏ ।

ଚ) ଭକ୍ତକବି ବନମାଳୀ କହୁଛନ୍ତି, ହେ ପ୍ରଭୁ ଚକ୍ରଧର ! ବଣକୁ ଯିବାକୁ ଡେରି ହେବ । ତେଣୁ ଶୀଘ୍ର ଉଠି ବଣକୁ ଗମନ କରନ୍ତୁ । ତୁମର ପାଦରେ ମୁଁ ଚାକର ଭଳି ନିବେଦନ କରୁଛି ।

ଛ) ସକାଳ ହେବାରୁ ମନ୍ଦିରରେ ଶୁକପକ୍ଷୀ ଓ ବୃକ୍ଷଡାଳରେ କାଉ ରାବିଲେ । କୋଇଲି କୁହୁ କୁହୁ ତାନରେ ଓ କୁକୁଡ଼ା । ଉଚ୍ଚ ସ୍ୱରରେ ରାବିଲେ ।

ଜ) ଶ୍ରୀକୃଷ୍ଣ ଗତକାଲି ବାଛୁରୀ ଚରାଇବାକୁ ଯାଇ ପଥଶ୍ରମ ଯୋଗୁ ଶରୀରରେ ଦୁର୍ବଳତା ଅନୁଭବ କରିଛନ୍ତି । ତେଣୁ ଅଳସରେ ଅଧିକ ସମୟ ଶୋଇଯାଉଛନ୍ତି । ~~[illegible]~~ -

ଝ) ମାତା ଯଶୋଦା ଶ୍ରୀକୃଷ୍ଣଙ୍କୁ କହନ୍ତି, ତୁମ୍ଭ ଶାମଳୀ ଓ ଧଉଳୀ ରାବିଛି ଏବଂ ଅନ୍ୟ ଓ ସଙ୍ଗର ପ୍ରଭୃତି ଭି ଯୁଆଁଉଛନ୍ତି ବୋଲି କହୁଛନ୍ତି ।

ଞ) ମାତା ଯଶୋଦା ହରିରେ ରଖିଥିବା ସୁଗନ୍ଧିଦ୍ରବ୍ୟ ଜଳରେ ଶ୍ରୀକୃଷ୍ଣଙ୍କ ମୁହଁ ଧୋଇବେ ବୋଲି କହିଛନ୍ତି ।

ଟ) ଆମ ଦେଶର ସୁନୀଳ ଆକାଶରେ ଅସଂଖ୍ୟ ନକ୍ଷତ୍ର ଶୋଭା ପାଆନ୍ତି । ପୁଣି ସୁନୀଳ ଆକାଶରେ ମେଘମାଳା ମଧ୍ୟ ଚିକ୍ ଚିକ୍ କରୁଥିବା ବିଜୁଳି ଭାସି ବୁଲୁଥାଏ ଯାହାକି

ଆଲୋଚନାର ଶୋଭାକୁ ଆଧାରି କରାଯାଇଛି।

କ) ଦୂର ଦେଶରେ ଥାଇ ଜନ୍ମଭୂମି କଥା ମନେ ପକାଇଲେ ମନ ଖାଲି ଖାଲି ହୁଏ। ଥାଇ ତାକୁ ଦେଖିବାକୁ ଇଚ୍ଛା ହୁଏ ଓ ଦୁଃଖରେ ଝୁରି ହୁଏ।

ଖ) ସମସ୍ତେ ଜନ୍ମଭୂମିଠାରୁ ସକଳ ଆବଶ୍ୟକୀୟ ଜିନିଷ ପାଇ ଜୀବନ ଧାରଣ କରିଥା'ନ୍ତି। ତେଣୁ ଯେଉଁ ଜନ୍ମଭୂମିର ସମ୍ମାନ ବିଧାନ ପାଇଁ ଯିଏ ଆପଣା ଶରୀରରୁ ରକ୍ତ ଦାନ ନ କରେ, ତାକୁ କବି କୃତଘ୍ନ ବୋଲି କହିଛନ୍ତି।

ଗ) ଜୀବନ ଧାରଣ ପାଇଁ ଜନ୍ମଭୂମି ଆମକୁ ଫଳ ଓ ଶସ୍ୟ ପ୍ରଦାନ କରେ। ତାହାର ବାୟୁ ଆମ ନିଃଶ୍ୱାସ ପ୍ରଶ୍ୱାସରେ ପ୍ରବାହିତ ହୁଏ, ତାହାର ସ୍ନିଗ୍ଧ ସ୍ୱଚ୍ଛ ଜଳରେ ଆମର ଶୋଷ ଦୂର ହୁଏ।

ଘ) ଜନ୍ମଭୂମିର ଅନ୍ନଜଳ ଗ୍ରହଣ କରି ଆମ ଶରୀର ପୁଷ୍ଟ ହୋଇଛି ତେଣୁ ଜନ୍ମଭୂମିର ଗୌରବ ଆମର ସୁଖର ଉଦୟ ହୁଏ ଓ ତାହାର ପତନରେ ଆମର ମଧ୍ୟ ପତନ ଘଟିଥାଏ।

୨) କ) ମଣିପୁର କହିଲେ କଣ ବୁଝ?
ଉ) i) ମଣିପୁର

ଖ) ଜଗନ୍ନାଥ ଦାସ କେଉଁ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ?
ଉ) ii) ପୁରୀ

ଗ) କିଏ ଆମୋଦ ଧରି ନାଚିଉଠେ ?

ଉ) iii) ପୃଥିବୀ

ଘ) ବନମାଳୀ ଚପାଗଳୀ ଦାସ କେଉଁ ରଚନା କରିଥିଲେ?

ଉ) i) ବନମାଳୀ ଦାସ

ଙ) ଦିନକର କିଏ ?

ଉ) ii) ସୂର୍ଯ୍ୟ

ଚ) ବନମାଳୀ ଦାସ କେଉଁ ଶତାବ୍ଦୀର କବି ଥିଲେ?

ଉ) i) ଅଷ୍ଟାଦଶ

୩) i) ମେଘ - ବାରିଦ, ଅମ୍ବୁଦ

ii) ବିଜୁଳି - ଚପଳା, ସୌଦାମିନୀ

iii) ଚଢ଼େଇ - ଖଗ, ପକ୍ଷୀ

iv) ନକ୍ଷତ୍ର - ତାରା

v) ପୃଥିବୀ - ଧରା, ଧରଣୀ

vi) ସୂର୍ଯ୍ୟ - ରବି, ତପନ

୪) i) ଆନନ୍ଦ - ନିରାନନ୍ଦ

ii) ପିତା - ମାତା

iii) ସ୍ମରଣ - ବିସ୍ମରଣ

iv) ସ୍ୱଚ୍ଛ - ~~ଅସ୍ୱଚ୍ଛ~~ ଅସ୍ୱଚ୍ଛ / ଦୂଷିତ

v) ମଙ୍ଗଳ - ଅମଙ୍ଗଳ

vi) ଜୀବନ - ମୃତ୍ୟୁ / ମରଣ

୪) କ) ପରିବାରରେ ଫୁଟିଲା ଫୁଲଗୁଡ଼ିକ କିଏ?

ଉ) ii) ଝିଅ ପୁଅମାନେ

ଖ) ମଣି କେଉଁଠି ମିଳେ?

ଉ) iii) ଖଣି ଗର୍ଭରେ

ଗ) ମୁକ୍ତା କେଉଁଠି ମିଳେ?

ଉ) i) ସାଗରରେ